## ସାପ କାମୁଡ଼ାରେ ମହିଳା ମୃତ

କୁଚିଣ୍ଡା,(ଡି.ଏନ.ଏ.): ସାପ କାମୁଡାରେ ସମ୍ବଲପୁର ଜିଲା କୁଚିଣ୍ଡା ଲସା ଗ୍ରାମର ମହିଳା ସସ୍ମିତା ପଧାନ (୪୦)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ରବିବାର ଅପରାହ୍ଣରେ ଚରଣ ପଧାନଙ୍କ ସ୍ତ୍ରୀ ସସ୍ମିତା ନିଜ ବାପଘର କବରିବାହାଲ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଛତୁ ସଂଗ୍ରହ ପାଇଁ ଯାଇଥିଲେ। ସେଠାରେ ଛତୁ ସଂଗ୍ରହ କରୁଥିବା ସମୟରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ସେ ଘରକୁ ଫେରି ଜଣାଇବା ପରେ ପରିବାର ଲୋକେ ତାଙ୍କୁ କୁଚିଣ୍ଡା ଡାକ୍ତରଖାନା ଆଣିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

**ସଂକ୍ଷେପରେ**

## ଓରିଏଣ୍ଟ ଥାନାରେ ମହିଳା, ଶିଶୁ ଡେସ୍କ ଲୋକାର୍ପିତ

ବ୍ରଜରାଜନଗର,୨୧।୬ (ଡି.ଏନ.ଏ.): ଓରିଏଣ୍ଟ ଥାନା ପରିସରରେ ମହିଳା ଓ ଶିଶୁ ଡେସ୍କ ସୋମବାର ଲୋକାର୍ପିତ ହୋଇଛି। ଏହି ଉତ୍ସବରେ ଝାରସୁଗୁଡା ଏସ୍‌ପି ବିକାଶ ଦାଶ ମୁଖ୍ୟଅତିଥି ଓ ଓରିଏଣ୍ଟ ମହାପ୍ରବନ୍ଧକ ବିଷ୍ଣୁଚରଣ ତ୍ରିପାଠୀ, ଏସଡିପିଓ ଦିଲୀପ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓରିଏଣ୍ଟ ଆଇଆଇସି କଲ୍ୟାଣୀ ବେହେରା, ବ୍ରଜରାଜନଗର ଆଇଆଇସି ବୈକୁଣ୍ଠ ସେଠ୍‌ଙ୍କ ସମେତ ନଳିନୀ ପ୍ରଧାନ, ମାମିନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୈନିକ ୭ ହଜାର ଟିକାକରଣ ଲକ୍ଷ୍ୟ

ସମ୍ବଲପୁର,୨୧।୬(ବ୍ୟୁରୋ): ସମ୍ବଲପୁର ଜିଲାରେ ମହାନଗର ନିଗମ ଓ ବ୍ଲକ ଅଞ୍ଚଳରେ ଦୈନିକ ୭ ହଜାର ଟିକାଦାନ କରିବା ପ୍ରଶାସନ ଲକ୍ଷ୍ୟ ରଖିଛି ବୋଲି ସିଡିଏମ୍‌ଓ ଶଶିଭୂଷଣ ପଟେଲ କହିଛନ୍ତି। ସେ କହିଛନ୍ତି, ଲୋକସଂଖ୍ୟା ଅନୁସାରେ ପ୍ରତି ବ୍ଲକରେ ଟିକାଦାନ କରାଯିବ। ବ୍ଲକ ପ୍ରଶାସନ ସହ ଆଲୋଚନା କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରମାନେ ଟିକାଦାନ କ୍ୟାମ୍ପ ଆୟୋଜନ କରିବେ। ପୂର୍ବରୁ କେବଳ ମହାନଗର ଓ ଏନ୍‌ଏସି ଅଞ୍ଚଳରେ ଟିକା ଦିଆଯାଇଥିବା ବେଳେ ଚଳିତ ପର୍ଯ୍ୟାୟ ଟିକାକରଣରେ ଗ୍ରାମାଞ୍ଚଳର ଯୁବବର୍ଗ (୧୮ରୁ୪୪ବର୍ଷ)ଙ୍କୁ ସାମିଲ କରାଯାଇଛି। ୪୫ରୁ ଉର୍ଦ୍ଧ୍ୱ ବୟସ୍କ ଲୋକଙ୍କୁ ମଧ ଟିକାଦାନ କରାଯାଉଛି। ଜିଲାପାଳ ଶୁଭମ୍ ସକସେନାଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତି ଟିକାକେନ୍ଦ୍ରରେ ଟିକାନେବା ପାଇଁ ଆସିଥିବା ଲୋକଙ୍କ ପାଇଁ ପାଣି, ଛାଇ ବ୍ୟବସ୍ଥା ସହ ଶୌଚାଳୟ ରହିବା ଆବଶ୍ୟକ ବୋଲି ଜିଲାପାଳ କହିଥିଲେ।

## ବ୍ରହ୍ମପୁରା ମନ୍ଦିରରେ ରୁକ୍ମିଣୀ ହରଣ ଏକାଦଶୀ

ସମ୍ବଲପୁର,୨୧।୬ (ବ୍ୟୁରୋ): ପବିତ୍ର ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଜଗନ୍ନାଥ ମନ୍ଦିରରେ ରୁକ୍ମିଣୀ ହରଣ ଏକାଦଶୀ ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁସାରେ ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଏହାପରେ ବ୍ରହ୍ମପୁରା ମହାପ୍ରଭୁଙ୍କ ବିବାହ ଉତ୍ସବ ହୋଇଥିଲା। ଠାକୁରଙ୍କ ମସ୍ତିଷ୍କରେ ପଗଡି ବନ୍ଧାଯାଇଥିଲା। ରୁକ୍ମିଣୀଙ୍କୁ ଶିଶୁପାଳ କବଳରୁ ହରଣ କରିବା ନୀତି ପରେ ବିବାହ କାର୍ଯ୍ୟ ହୋଇଥିଲା। ଅଭିଷେକ ମିଶ୍ର ଓ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ୧୮ରୁ ୪୪ବର୍ଷର ୧୪୯୬ଜଣଙ୍କୁ ଟିକା

ନାକଟିଦେଉଳ,୨୧।୬(ଡ଼ି.ଏନ୍.ଏ.): ନାକଟିଦେଉଳ ବ୍ଲକରେ ସୋମବାର ୧୮ରୁ ୪୪ବର୍ଷ ବୟସର ୧୪୯୬ଜଣଙ୍କୁ ପ୍ରଥମ ଡୋଜ୍ କରୋନା ଟିକା ଦିଆଯାଇଛି। ଶିମିଳିପାଳ ଟିକାଦାନ କେନ୍ଦ୍ରରେ ୧୫୪, ରାଧାଦେବୀ ବାଳିକା ଉଚ୍ଚବିଦ୍ୟାଳୟରେ ୩୧୯, ନାକଟିଦେଉଳ ଡ଼ାକ୍ତରଖାନାରେ ୩୧୪, ବଳମରେ ୨୩୪, ବାଟଗାଁରେ ୧୮୫ ଓ ପିଏମ୍ ହାଇସ୍କୁଲ ଜଗନ୍ନାଥପ୍ରସାଦରେ ୨୯୦ଜଣଙ୍କୁ ଏହି ଟିକା ଦିଆଯାଇଛି। ସେହିପରି ଏହିସବୁ କେନ୍ଦ୍ରରେ ୪୫ରୁ ୫୯ବର୍ଷ ମଧ୍ୟରେ ୮୦ଜଣଙ୍କୁ ପ୍ରଥମ ଡ଼ୋଜ୍ ଓ ୩ଜଣଙ୍କୁ ଦ୍ୱିତୀୟ ଡ଼ୋଜ୍, ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସର ୧୧ଜଣଙ୍କୁ ପ୍ରଥମ ଡ଼ୋଜ୍ ଓ ୫୯ଜଣଙ୍କୁ ଦ୍ୱିତୀୟ ଡ଼ୋଜ୍ ଟିକା ପ୍ରଦାନ କରାଯାଇଛି। ଟିକା ନେବାକୁ ଯୁବବର୍ଗଙ୍କ ମଧ୍ୟରେ ବେଶ୍ ଆଗ୍ରହ ପରିଲକ୍ଷିତ ହୋଇଥିଲା।

## କୁଚିଣ୍ଡା ପୋଲିସ ପକ୍ଷରୁ ରକ୍ତଦାନ ଶିବିର

କୁଚିଣ୍ଡା,୨୧।୬ (ଡି.ଏନ.ଏ.): କୁଚିଣ୍ଡା ପୋଲିସ ପକ୍ଷରୁ ଥାନା ପରିସରରେ ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଯୁବ ଗୋଷ୍ଠୀଙ୍କ ସମେତ ବହୁ ପୋଲିସ କର୍ମଚାରୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସର୍ବମୋଟ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କୁଚିଣ୍ଡା ଡାକ୍ତରଖାନାର ଟେକ୍‌ନିସିଆନ୍ ପ୍ରମୋଦ ପଟେଲ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୁଲପାଲି ଥାନାଧିକାରୀ ଯାଜ୍ଞସେନୀ ନାଏକ, ଏସ୍‌ଆଇ ଦିଲୀପ ବେହେରା, କୁଚିଣ୍ଡା ଥାନା ଏଏସ୍‌ଆଇ କୁମୁଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ନାହିଁ

**ରେଢାଖୋଲ ନିର୍ବାଚନମଣ୍ଡଳୀର ପୁଟିଆପାଲି ଗ୍ରାମ**
- ଆବଶ୍ୟକତା ମେଣ୍ଟାଇପାରୁନି ନଳକୂପ
- ସୋଲାର ପ୍ରକଳ୍ପ ଅଚଳ

ସମ୍ବଲପୁର,୨୧।୬ (ବ୍ୟୁରୋ)

ରେଢାଖୋଲ ନିର୍ବାଚନମଣ୍ଡଳୀର ମାନେଶ୍ୱର ବ୍ଲକ ସାହାସପୁର ପଞ୍ଚାୟତ ଅନ୍ତର୍ଗତ ପୁଟିଆପାଲି ଗ୍ରାମରେ ପାନୀୟଜଳ ମୁଖ୍ୟ ସମସ୍ୟା ହୋଇଛି। ଗ୍ରାମରେ ଥିବା ୫ ନଳକୂପରୁ ୩ଟି ଅଚଳ ହୋଇପଡିଛି। ଅନ୍ୟ ୨ଟିରୁ କମ୍ ପାଣି ବାହାରୁଥିବାରୁ ତାହା ଲୋକଙ୍କ ଆବଶ୍ୟକତା ମେଣ୍ଟାଇପାରୁ ନାହିଁ। ସୋଲାର ପ୍ରକଳ୍ପ ଥିଲେ ମଧ୍ୟ ତାହା କିଛିଦିନ କାର୍ଯ୍ୟକ୍ଷମ ପରେ ଅଚଳ ହୋଇରହିଛି। ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ ହେଉଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ କରାଯିବା ଆବଶ୍ୟକ ବୋଲି ଗ୍ରାମବାସୀ କହିଛନ୍ତି।

ପୁଟିଆପାଲି ଗ୍ରାମରେ ପାପପଡା, ଉପରପଡା, ମଝିପଡା ଆଦି ୩ ପଡା ରହିଛି। ଜନସଂଖ୍ୟା ପ୍ରାୟ ୧୫ ଶହରୁ ଉର୍ଦ୍ଧ୍ୱ ହେବ। ଗ୍ରାମରେ ଥିବା ୨ଟି ପୋଖରୀରୁ ଗୋଟିଏ ପୋତି ହୋଇଯାଇଥିବା ବେଳେ ଗୋଟିଏ ବ୍ୟବହାର ହେଉଛି। ବର୍ଷକରେ ୮ରୁ ୯ମାସ ନିକଟସ୍ଥ କେନାଲ ଉପରେ


ମାନେଶ୍ୱର ବ୍ଲକ ପୁଟିଆପାଲି ଗ୍ରାମର ଅଚଳ ନଳକୂପ ।

ଲୋକେ ନିର୍ଭର କରୁଛନ୍ତି। ହେଲେ ବର୍ଷତମାମ ପିଇବା ପାଣି ସମସ୍ୟା ଲାଗି ରହିଥାଏ। ଗ୍ରାମର ଆଇନଜୀବୀ ଡି. ଖେତି ଅଭିଯୋଗ କରିଛନ୍ତି, ଗ୍ରାମବାସୀଙ୍କ ବାରମ୍ବାର ଦାବିପରେ ମେ ୧୪ ତାରିଖରେ ବ୍ଲକ ପ୍ରଶାସନ ହସ୍ତକ୍ଷେପରେ ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଗଲା। ହେଲେ ଠିକ ଏକମାସ ପରେ ଜୁନ ୧୪ ତାରିଖଠାରୁ ଅନୁଦାନ ନ ଥିବା କହି ପଞ୍ଚାୟତ ପକ୍ଷରୁ ଜଳ ଯୋଗାଣ ବନ୍ଦ କରିଦିଆଗଲା। ଏବେ ପୁଣି ଏହି ବ୍ୟବସ୍ଥା ପଞ୍ଚାୟତ ପକ୍ଷରୁ ଆରମ୍ଭ ହୋଇଛି। ଏକମାତ୍ର ପୋଖରୀରେ ଲୋକେ ଗାଧୋଇବା ସହ ଅନ୍ୟ କାମରେ ବ୍ୟବହାର କରୁଛନ୍ତି। ଏବେ ବର୍ଷାଦିନରେ ଗୋଳିଆ ପାଣି ପୋଖରୀରେ ପଶି ପାଣି ଦୂଷିତ ହୋଇଯାଇଛି। ଏଭଳି ପାଣି ପିଇବାକୁ ଗ୍ରାମବାସୀ ବାଧ୍ୟ ହେଉଛନ୍ତି। ଗାଁର ଏହି ସମସ୍ୟା ନେଇ ରେଢାଖୋଲ ବିଧାୟକ ଇଂ. ରୋହିତ ପୂଜାରୀଙ୍କୁ ଅଭିଯୋଗ କରାଯାଇଥିଲା। ହେଲେ ସେ ୭ ଗୋଟି ପଞ୍ଚାୟତକୁ ନେଇ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ହେବ ବୋଲି କହିଥିଲେ। ଏଥିପାଇଁ କାର୍ଯ୍ୟ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କିନ୍ତୁ ଗ୍ରାମବାସୀଙ୍କ ପାଇଁ ଏହା ସ୍ୱପ୍ନ ହୋଇରହିଛି। ପ୍ରଶାସନ ଓ ନେତା ସ୍ୱପ୍ନ ନ ଦେଖାଇ ପିଇବା ପାଣି ସମସ୍ୟା ଦୂର କରନ୍ତୁ। ନଳକୂପ ଖନନ କରାଯାଉ। ଅନ୍ୟାନ୍ୟ ବ୍ୟବହାର ପାଇଁ କେନାଲ ଓ ପୋଖରୀ ପାଣି ବ୍ୟବହାର କରି ଗ୍ରାମବାସୀ ଚଳିଯିବେ ବୋଲି କହିଥିଲେ। ଏ ସମ୍ପର୍କରେ ମାନେଶ୍ୱର ବିଡିଓ ନୀଳାମ୍ବର ମହାନନ୍ଦଙ୍କୁ ପଚାରିବାରୁ ସେ କହିଥିଲେ, ପାଣି ବନ୍ଦ କରି ଦିଆଯାଇଥିଲା। ପୁଣି ପାଣି ଦେବାକୁ ନିର୍ଦ୍ଦେଶ ଦିଆଯିବ। ଯେଉଁଦିନ ପର୍ଯ୍ୟନ୍ତ ସମସ୍ୟା ଥିବା ସେ ପର୍ଯ୍ୟନ୍ତ ଗ୍ରାମକୁ ପାଣି ଯୋଗାଣ ହେବ।

## ଚେରୁଆପଡ଼ାରେ ଶ୍ରୀକୃଷ୍ଣ ରୁକ୍ମିଣୀ ବିବାହ


ସମ୍ବଲପୁରରେ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ବିବାହ ।

ସମ୍ବଲପୁର,୨୧।୬ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଚେରାପଡାରେ ରାଧାମାଧମ ମହିଳା କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ବିବାହ ଅନୁଷ୍ଠିତ ହୋଇଛି । କୋଭିଡ୍ କଟକଣା ଯୋଗୁ ବିନା ଭକ୍ତରେ ବିବାହ କାର୍ଯ୍ୟ କରାଯାଇଥିଲା। ଭଗବାନ କୃଷ୍ଣଙ୍କ ମାତାପିତା ଭାବେ ଯୋଗେଶ୍ୱର ସାଲେମା ଓ ସହଧର୍ମିଣୀ ଦୁଲାଇଥିବା ବେଳେ ରୁକ୍ମିଣୀଙ୍କ ମାତାପିତା କାର୍ଯ୍ୟ ଦେଉଳବନ୍ଧ ନିବସୀ କନକ ସିଂ ଓ ସହଧର୍ମିଣୀ ଗୀତାଞ୍ଜଳିଦାୟିତ୍ୱ ତୁଲାଇଥିଲେ। ମହାଆଳତି ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। କନ୍ୟାଘରେ ପହଞ୍ଚି ସମସ୍ତ ରୀତିନୀତି ପାଳନ କରାଯାଇଥିଲା।

## ନାବାଳିକାଙ୍କୁ ବଳାତ୍କାର: ୨ ଗିରଫ

ରେଢାଖୋଲ,୨୧।୬(ଡି.ଏନ.ଏ.)

ରେଢାଖୋଲ ଥାନା ଅଧୀନ ଏକ ଗ୍ରାମର ୨ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ସେହି ଗ୍ରାମର ତନୁ ମିର୍ଦ୍ଧା (୨୮) ଓ ଅନୀଲ ମିର୍ଦ୍ଧା (୨୨)। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ କହିଛନ୍ତି। ନାବାଳିକାଙ୍କ ପିତା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେମାନଙ୍କ ୨ ଝିଅ ରବିବାର ଅପରାହ୍ଣରେ ଗ୍ରାମ ନିକଟ ଭାଲୁନାଲି ମହୁଲବୁରିକୁ ଟୋଲ ଗୋଟାଇବାକୁ ଯାଇଥିଲେ। ଏହି ସମୟରେ ତନୁ ଓ ଅନୀଲ ସେଠାରେ ପହଞ୍ଚି ମୋବାଇଲରେ ଫଟୋ ଉଠାଇବା ସହ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ନାବାଳିକା ଦ୍ୱୟ ପାଟି କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଘଟଣା ସମ୍ପର୍କରେ କାହାକୁ ନ କହିବାକୁ ଧମକ ଦେଇ ଯୁବକ ଦ୍ୱୟ ଚାଲିଯାଇଥିଲେ। ନାବାଳିକା ଦ୍ୱୟ ଘରକୁ ଫେରି ଏ ସମ୍ପର୍କରେ କହିବା ପରେ ସେମାନଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦଫା ୩୪୧, ୩୨୩, ୩୨୪, ୩୭୬, ୫୧୧, ୫୦୬ ଓ ପୋକ୍‌ସୋ ଆକ୍ଟର ଧାରା ୮ରେ କେସ୍ ନଂ. ୧୧୦ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା।

## ଦାଦାବଟି ଦାବିରେ ଯୁବକଙ୍କୁ ଆକ୍ରମଣ


ଆହତ ଯୁବକ ଜଗନ୍ନାଥ ପାଣିଗ୍ରାହୀ ।

ଝାରସୁଗୁଡ଼ା ଅଫିସ,୨୧।୬

ବନହରପାଲି ଥାନା ଇବ୍‌ଥର୍ମାଲ ପମ୍ପହାଉସ୍ ଫାଟକ ନିକଟରେ ରବିବାର ଅପରାହ୍ଣରେ ୨ଜଣ ଯୁବକ ଦାଦାବଟି ଦାବିକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆହତ ଯୁବକ ହେଲେ ତେଲେନପାଲି ମାର୍କେଟ୍‌ର ଜଗନ୍ନାଥ ପାଣିଗ୍ରାହୀ(୩୧)। ଜଗନ୍ନାଥଙ୍କ ଲିଖିତ ଅଭିଯୋଗ ପରେ ପୋଲିସ୍ ଏକ ମାମଲା (ନଂ.୮୩/୨୧) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗରୁ ଜଣାପଡିଛି ତେଲେନପାଲି ବଜାର ପଡାର ରାଜୁ ଜେନା ଓ ତେଲେନପାଲି ହରିଜନ ପଡାର ଟୁନା ବିଶ୍ୱାଳ ଦାଦାବଟି ଦାବିକରି ଜଗନ୍ନାଥଙ୍କୁ ବାଡିରେ ପିଟିଥିଲେ। ଏଥିରେ ତାଙ୍କ ପିଠି, ଛାତି ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଏ ସମ୍ପର୍କରେ ସେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି।

## ଜିଲାପାଳଙ୍କ ଅଫିସ ଆଗରେ ସେଲୁନ ମାଲିକଙ୍କ ଧାରଣା

ସମ୍ବଲପୁର,୨୧।୬ (ବ୍ୟୁରୋ)

ସେଲୁନ ଖୋଲିବା ଦାବିରେ ସୋମବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଜିଲାର ସେଲୁନ ମାଲିକ ଓ କର୍ମଚାରୀମାନେ ଧାରଣା ଦେଇଥିଲେ। ପରେ ଜିଲାପାଳ ଶୁଭମ୍ ସକ୍‌ସେନା ଏକ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ସେ କହିଥିଲେ, କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ରହିଛି। ଏହାକୁ ଅମାନ୍ୟ କଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ଆନ୍ଦୋଳନରୁ ଓହରିଯାଅ ଓ ଦୋକାନ ବନ୍ଦ ରଖ। ପରବର୍ତ୍ତୀ କଟକଣା ଜୁଲାଇ ୧ ତାରିଖରୁ ଲାଗୁ ହେବ। ତେଣୁ ସେ ପର୍ଯ୍ୟନ୍ତ ଅପେକ୍ଷା କର ବୋଲି


ସମ୍ବଲପୁର ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯାଇଛି।

କହିଥିଲେ। ସରକାରୀ ସହାୟତା ପାଇଁ ସରକାରଙ୍କୁ ଜଣାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ସେମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ବାରିକ ସମାଜ ପକ୍ଷରୁ ଅଭିଯୋଗ ହୋଇଛି ଯେ, କରୋନା ମୁକାବିଲା ପାଇଁ ସରକାର ନୂତନ କଟକଣା ଜାରି କରିଛନ୍ତି। ଏଥିରୁ ସେଲୁନ ଖୋଲିବାକୁ ବାଦ୍ ଦିଆଯାଇଛି। ଦୀର୍ଘ ୪୫ଦିନ ହେଲା ସେଲୁନଗୁଡିକ ବନ୍ଦ ରହିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ପରିବାର ରୋଜଗାର ହରାଇ ବହୁ କଷ୍ଟରେ ଚଳୁଛନ୍ତି। ଜୁଲାଇ ୧ ତାରିଖ ପରେ ସେଲୁନ ଖୋଲିବାକୁ ଅନୁମତି ନ ମିଳିଲେ ଆନ୍ଦୋଳନ କରାଯିବ ବୋଲି ସମାଜର କର୍ମକର୍ତ୍ତା ଚେତାବନୀ ଦେଇଥିଲେ।

## ବାଲ୍ୟବିବାହ ବନ୍ଦକଲା ଚାଇଲ୍ଡ ଲାଇନ

ଝାରସୁଗୁଡ଼ା ଅଫିସ,୨୧।୬

ଝାରସୁଗୁଡା ବ୍ଲକ୍ ଲୋଇସିଂହ ପଞ୍ଚାୟତ ଅନ୍ତର୍ଗତ ଏକ ଗ୍ରାମରେ ସୋମବାର ବାଲ୍ୟ ବିବାହ ହେବାକୁ ଯାଉଥିବାବେଳେ ଏହାକୁ ଚାଇଲ୍ଡ ଲାଇନ୍ ବନ୍ଦ କରିଛି । ଗ୍ରାମର ଜଣେ ଯୁବକ ଲଇକେରା ଥାନା ନିଷ୍କିମାଲ ପଞ୍ଚାୟତର ଜଣୈକା ନାବାଳିକାଙ୍କୁ ଭଲ ପାଉଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କୁ ବିବାହ ପାଇଁ ୧୫ଦିନ ହେଲା ଘରେ ଆଣି ରଖିଥିଲେ। ଏଥିରେ ଉଭୟ ପରିବାରର ସହମତି ରହିଥିଲା। ଖବରପାଇ ଚାଇଲ୍ଡ ଲାଇନ ଜିଲା ସଂଯୋଜକ ଆଶିଷ କୁମାର ପଣ୍ଡାଙ୍କ ନେତୃତ୍ୱରେ ସିଡିପିଓ ସୁପ୍ରଭା ମହାପାତ୍ର, ସୁପରଭାଇଜର୍ ବରୁଣୀ ସା, ସଦସ୍ୟ ରାଧେଶ୍ୟାମ ନାୟକ, ଜ୍ୟୋସ୍ନା ପ୍ରଧାନ ପ୍ରମୁଖ ଯୁବକଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ବାଲ୍ୟ ବିବାହ ନିଷେଧ ଆଇନ ସମ୍ପର୍କରେ ବୁଝାଇଥିଲେ। ପରିବାର ଲୋକେ ବୁଝିବାପରେ ନାବାଳିକାଙ୍କୁ ୧୮ବର୍ଷ ହେଲେ ବିବାହ କରିବା ପାଇଁ ଏକ ରାଜିନାମାପତ୍ର ହୋଇଥିଲା। ପରେ ଚାଇଲ୍ଡ ଲାଇନ୍ ଅଧିକାରୀ ନାବାଳିକାଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଏ ନେଇ ଚାଇଲ୍ଡ ଲାଇନ ତରଫରୁ ଗାନ୍ଧୀଛକ ଫାଣ୍ଡିରେ ଏକ ଷ୍ଟେଶନ ଡାଇରି ହୋଇଥିବା ଜଣାପଡିଛି।

## ଗଠନ ହେଲା ଜିଲା ଡେଭଲପମେଣ୍ଟ କମିଟି

**ଦେବଗଡ଼ବାସୀଙ୍କ ପାଇଁ ଟୋଲ ଟ୍ୟାକ୍ସ ଛାଡ଼ ପାଇଁ କ୍ରିୟାନୁଷ୍ଠାନ କମିଟିର ଦାବି**

ଦେବଗଡ଼,୨୧।୬(ଡି.ଏନ.ଏ)

ଦେବଗଡ଼ ଜିଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ ପରେ ଟୋଲ ଟ୍ୟାକ୍ସ ଆଦାୟ ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବାସହ ଇତିମଧ୍ୟରେ ଟୋଲଟ୍ୟାକ୍ସ ମଧ୍ୟ ଆଦାୟ ଜାରି ରହିଛି। ତେବେ ଉକ୍ତ ଟୋଲ ଗେଟରେ ଦେବଗଡ଼ ଜିଲାବାସୀଙ୍କ ମାଲିକାନାରେ ଥିବା ଯାନବାହାନଗୁଡିକୁ ଦେୟମୁକ୍ତ କରିବାକୁ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦେବଗଡ ଜିଲାପାଳ ତଥା ଏନଏଚ୍‌ଏଆଇର ଆର୍ବିଟ୍ରେଟରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଆଇନଜୀବୀ ତଥା ଆବାହକ ପ୍ରଭାସ ଚନ୍ଦ୍ର ମିଶ୍ର, ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ତଥା ଜିଲା ଘରୋଇ ବସ ମାଲିକ ସଂଘର ସଭାପତି ଇଂ.ସୁଜିତ କୁମାର ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଅରୁଣ କୁମାର ସାହୁ, ଜିଲା କୃଷକ ବିଜେଡି ସଭାପତି ଇଂ.ଚିତ୍ତରଂଜନ ପ୍ରଧାନ, ଜିଲା ଓକିଲ ସଂଘ ସଭାପତି ପ୍ରମଥେଶ ଗୁରୁ ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବଙ୍କ ଦସ୍ତଖତ ସମ୍ବଳିତ ଏହି ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଶିଳ୍ପବିହୀନ ଦେବଗଡ ଜିଲାର ଲୋକେ ବିଶେଷ ବାବେ କୃଷି ଉପରେ ନିର୍ଭର କରୁଥିବା ବେଳେ ଟୋଲଟ୍ୟାକ୍ସ ଆଦାୟ ସେମାନଙ୍କର ଆର୍ଥୀକ ମାନଦଣ୍ଡକୁ ଦୋହଲାଇଦେବ ବୋଲି ଆଶଙ୍କା କରାଯାଉଛି । ଏହି ଦୃଷ୍ଟିରୁ ଜିଲାବାସୀଙ୍କ ନିମନ୍ତେ ଟୋଲଟ୍ୟାକ୍ସ ଛାଡ କରିବା ନିମନ୍ତେ ଉକ୍ତ ଦାବିପତ୍ର ଜରିଆରେ ନିବେଦନ କରାଯାଇଛି। ଅନୁରୂପ ଭାବେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଜିଲା ଓକିଲ ସଂଘ ସଭାପତି ପ୍ରମଥେଶ ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ଏକ ଆଲୋଚନା ବୈଠକରେ ପରବର୍ତ୍ତୀ କାର୍ଯ୍ୟ ପନ୍ଥା ନିମନ୍ତେ ଜିଲା ଡେଭେଲପମେଣ୍ଟ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପ୍ରମଥେଶ ଗୁରୁ, ଉପସଭାପତି ଉଇଲିୟମ ହେନେଜ ଓ ଭାରତ ଭୂଷଣ ପ୍ରଧାନ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ର, ସହ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, ଅମରେନ୍ଦ୍ର ଗଙ୍ଗଦେବ ଓ ରାଜକିଶୋର ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସୁଧାଂଶୁ ଦ୍ୱିବେଦୀ, ମାର୍କଣ୍ଡେଶ୍ୱର ଶତପଥି, ସୁଧିର କୁମାର କପରଦାର, ବିଭୂତି ଗଙ୍ଗଦେବ, ମନୋଜ କୁମାର ପାଢୀ, ଉମାଶଙ୍କର ସାହୁ, ବୀରେନ୍ଦ୍ର କୁମାର ନାୟକ, ବିନୋଦ ନାୟକ, ବିକାଶ ପ୍ରଧାନ, କ୍ଷେତ୍ର କୁମାର ପ୍ରଧାନ, ପ୍ରଭାତ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି।

## ଋଣ କରିଦେବାକୁ କହି ଠକେଇ: ଥାନାରେ ମାମଲା

ଦେବଗଡ଼,୨୧।୬(ଡି.ଏନ୍.ଏ)

ସ୍ଥାନୀୟ ମହୁଲଡିପା ସାହିର ଜଣେ ଯୁବକ ଟାଟା ଫାଇନାନ୍ସ କମ୍ପାନୀରୁ ଋଣ କରିଦେବ କହି ୧୦ଜଣ ମହିଳାଙ୍କଠାରୁ ଟଙ୍କା ଆଦାୟ କରିବା ପରେ ଠକେଇ କରିଥିବା ଦେବଗଡ଼ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୋଲିସ ଅଭିଯୁକ୍ତ ବିରୋଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସ୍ଥାନୀୟ ମହୁଲଡିପା ସାହିର ଆଲୋକ ପ୍ରସାଦ(୪୪) ଋଣ କରିଦେବ କହି ଗତ ମେ ମାସ ୧୨ ତାରିଖ ସ୍ଥାନୀୟ ଧୋବାସାହିର ୧୦ ଜଣ ମହିଳାଙ୍କଠାରୁ ପ୍ରଥମ ପର୍ଯ୍ୟାୟରେ ୩୮୫୦ ଟଙ୍କା ଆଦାୟ କରିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଜିଏସ୍‌ଟି ବାବଦକୁ ୫୨୦୦ ଟଙ୍କା ଠକିନେଇଥିଲା। ଦୀର୍ଘଦିନ ଧରି ଋଣ ନ ମିଳିବାରୁ ସମ୍ପୃକ୍ତ ମହିଳାମାନେ ତାକୁ ପଚାରିବାରୁ 'ଆଜି ହେବ, କାଲି ହେବ' କହି ଠକିବା ସହ ଦିନ ଗଡାଇଚାଲିଥିଲେ। ଫଳରେ ଠକେଇର ଶିକାର ହୋଇଥିବା ମହିଳାମାନଙ୍କ ପକ୍ଷରୁ ସବିତା ବେହେରା ରବିବାର ଏନେଇ ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ଦେବଗଡ ଆଦର୍ଶ ଥାନା ପୋଲିସ ଆଲୋକ ବିରୁଦ୍ଧରେ ମାମଲା ରୁଜୁକରିଛି। ଆଲୋକ ଫେରାର୍ ଥିବାରୁ ପୋଲିସ ତାଙ୍କୁ ଗିରଫ କରିପାରିନାହିଁ। ଏଠାରେ ସୂଚନାଯୋଗ୍ୟ ଯେ,ଅଭିଯୁକ୍ତ ଆଲୋକ ନାମରେ ପୂର୍ବରୁ ମଧ ଠକେଇ ଏବଂ ହତ୍ୟା ଉଦ୍ୟମ ସମେତ ବିଭିନ୍ନ ମାମଲା ରହିଥିବାରୁ ତୁରନ୍ତ ଗିରଫ କରିବା ପାଇଁ ମହିଳାମାନେ ଦାବି ଜଣାଇଛନ୍ତି।

## ହୀରାକୁଦ କଲୋନୀରେ ଯୋଗ ଦିବସ

ସମ୍ବଲପୁର,୨୧।୬ (ବ୍ୟୁରୋ)

ହୀରାକୁଦ କଲୋନୀସ୍ଥିତ ପତଞ୍ଜଳି ଯୋଗ କେନ୍ଦ୍ରରେ ସୋମବାର ସପ୍ତମ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ମହିଳା ପ୍ରଭାରୀ ତଥା ଯୋଗ ପ୍ରଶିକ୍ଷିକା ଜେ. ଗିରିଜା ଦେବୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ବ୍ୟାୟମ ପରେ ଗ୍ରୀବା ସଞ୍ଚାଳନ, ସ୍କନ୍ଧ ସଞ୍ଚାଳନ, କଟି ସଞ୍ଚାଳନ ଓ ଜାନୁ ସଞ୍ଚାଳନ କରାଯାଇଥିଲା। ଏଥିସହ ଉର୍ଦ୍ଧ୍ୱ ବାଡାସନ, ବୃକ୍ଷାସନ, ପାଦ ଇଷ୍ଟାସନ, ଅର୍ଦ୍ଧଚକ୍ରାସନ, ତ୍ରିକୋଣାସନ, ସସକାସନ, ବକ୍ରାସନ ପ୍ରଭୃତି କରାଯାଇଥିଲା। ରୋଟାରି କ୍ଲବର ପୂର୍ବତନ ସଭାପତି ଚନ୍ଦ୍ରଶେଖର ସାହା ଓ ଅରୁଣା ସାହା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ, ପୁଷ୍ପାଞ୍ଜଳି ନାୟକ, ବାସନ୍ତି ନାୟକ, କଲ୍ୟାଣୀ ଚନ୍ଦ୍ରା, ପ୍ରଶାନ୍ତ ମେହେର ଆଲୋଚନାରେ ଭାଗ ନେଇଥିଲେ।


ପତଞ୍ଜଳି ଯୋଗ କେନ୍ଦ୍ରରେ ଯୋଗାସନ ଚାଲିଛି ।

## ସିଏସ୍‌ଓଙ୍କୁ ଭେଟିଲା ଜିଲା କୃଷକ ସଂଘ

**ରବିଧାନ ବିକ୍ରି ସମସ୍ୟା**
- ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଝାରସୁଗୁଡ଼ା ଅଫିସ,୨୧।୬

ଝାରସୁଗୁଡ଼ା ଜିଲାରେ ରବିଧାନ ବିକ୍ରି ପାଇଁ ୩୨ ପ୍ୟାକ୍ସରେ ସମୁଦାୟ ୧୩୨୪ଜଣ ଚାଷୀ ଆବେଦନ କରିଥିଲେ। ଏଥିମଧ୍ୟରୁ ଧାନ ବିକ୍ରି ପାଇଁ ୯୩୯ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛି। ପଞ୍ଜୀକରଣରୁ ବାଦ୍ ପଡିଥିବା ଚାଷୀଙ୍କ ମଧ୍ୟରେ ହୀରାକୁଦ ନଦୀବନ୍ଧ ବୁଡି ଅଞ୍ଚଳର ୬୬୪ଜଣ ଏବଂ ମାଲ୍ ସାଧାରଣ ଓ ଆଟ୍ ସାଧାରଣ ଅଣଜଳସେଚିତ ଜମିରେ ଚାଷ କରିଥିବା ଚାଷୀ ରହିଛନ୍ତି। ଏ ନେଇ ଜିଲା କୃଷକ ସଂଘ ଅନେକଥର ଜିଲା ପ୍ରଶାସନ, ଯୋଗାଣ ବିଭାଗ ଓ ସ୍ଥାନୀୟ ଏମ୍‌ପି, ବିଧାୟକଙ୍କ ଦୃଷ୍ଟିଆକର୍ଷଣ କରିଛି । ସରକାରୀ ନିର୍ଦ୍ଦେଶ ଆସିଲେ ଧାନ କିଣାଯିବ ବୋଲି ଜିଲା ପ୍ରଶାସନ ଓ ଜିଲା ଯୋଗାଣ ବିଭାଗ ଚାଷୀଙ୍କୁ


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଜିଲା କୃଷକ ସଂଘ କର୍ମକର୍ତ୍ତା ।

ପ୍ରତିଶ୍ରୁତି ଦେଇଚାଲିଛନ୍ତି। ଗୋଟିଏ ପଟେ ସରକାରୀ ନିର୍ଦ୍ଦେଶକୁ ଚାଷୀମାନେ ଚାହିଁବସିଥିବାବେଳେ ଅନ୍ୟପଟେ ରବିଋତୁର ଧାନକିଣା ସମୟ ସରିବାକୁ ବସିଲାଣି। ଫଳରେ ଚାଷୀ ଏବେ ଚିନ୍ତାରେ ରହିଛନ୍ତି। ଏଭଳି ସ୍ଥିତିରେ ଜିଲା କୃଷକ ସଂଘର ଏକ ପ୍ରତିନିଧିଦଳ ସୋମବାର ଜିଲାପାଳଙ୍କୁ ଭେଟିବାକୁ ଯାଇଥିବାବେଳେ ତାଙ୍କ ଅନୁପସ୍ଥିତିରେ ଜିଲା ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁଙ୍କୁ ଭେଟି ଆଲୋଚନା କରିଛନ୍ତି। ଜିଲା ଯୋଗାଣ ବିଭାଗ ତରଫରୁ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି ବୋଲି ଦୋହରାଯାଇଥିଲା। ଆସନ୍ତା ୨୪ତାରିଖ ମଧ୍ୟରେ ଯଦି ଚାଷୀଙ୍କ ସମସ୍ୟା ସମାଧାନ ନ ହେଲା ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି । ଜିଲା କୃଷକ ସଂଘ ପ୍ରତିନିଧି ଦଳରେ ଜିଲା ସଭାପତି ଦିଲୀପ ବଡେଇ, ପ୍ରବକ୍ତା ବିରଞ୍ଚି ସାହୁ, ଜଗବନ୍ଧୁ ସା, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

**ଟ୍ରାକ୍ଟର ଚାପାରେ ଯୁବକ ମୃତ**

ଅତାବିରା (ଡି.ଏନ.ଏ): ବରଗଡ଼ ଜିଲା ଅତାବିରା-ସିଂହପାଲି ରାସ୍ତାରେ ସୋମବାର ଏକ ଧାନ ବୋଝେଇ ଟ୍ରାକ୍ଟର (ନଂ.ଓଡି୧୭ଇ/୮୫୯୫) ଚାପାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସିଂହପାଲି ଗ୍ରାମର ସୁଧୀର ମେହେର(୩୫)। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି। ସୁଧୀର ବାଇକ୍ (ନଂ.ଓଡ଼ି୧୭ଏ/୨୪୩୧) ଯୋଗେ ଅତାବିରା ସ୍ଥିତ ନିଜ ସିଲେଇ ଦୋକାନରୁ ଫେରିବା ବାଟରେ ଉକ୍ତ ଟ୍ରାକ୍ଟର ତାଙ୍କ ଉପରେ ଚଢ଼ିଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ କରୁଛି ।



## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର: ଯୁବକ କୋର୍ଟ ଚଲାଣ

ଭବାନୀପାଟଣା/ଗୋଲାମୁଣ୍ଡା, ୨୧।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଧୀନ ଏକ ଗ୍ରାମର ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚଲାଣ କରିଛି। ଗିରଫ ଯୁବକ ହେଲେ ଦୁର୍ଜ ପଟେଲ (୨୪)। ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ଗୋଲାମୁଣ୍ଡା ଥାନାରେ ଏକ ମାମଲା (ନଂ. ୭୪/୨୦୨୧) ରୁଜୁ ହୋଇଛି। ସମ୍ପୃକ୍ତ ଯୁବକଙ୍କ ଡାକ୍ତରୀମାଇନା ପରେ କୋର୍ଟ ଚଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଉଗ୍ରେସନ ପଟେଲ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ ଯେ, ଉକ୍ତ ଗ୍ରାମର ଯୁବତୀଙ୍କ ସହିତ ଦୁର୍ଜ ପ୍ରେମ ସମ୍ପର୍କ ରଖିବା ସହ ବିବାହର ପ୍ରତିଶ୍ରୁତି ଦେଇଥିଲେ। ଗତ ୧୭ ତାରିଖ ରାତ୍ରି ପ୍ରାୟ ୧୧ଟାରେ ଯୁବତୀଙ୍କ ଘରକୁ ଯାଇ ଯୁବକ ଜଣକ ବଳାତ୍କାର କରିଥିଲେ। ରାତି ପ୍ରାୟ ୧୨ଟାରେ ଯୁବତୀଙ୍କ ପରିବାର ଘଟଣା ସମ୍ପର୍କରେ ଜାଣିବା ପରେ ଥାନରେ ଲିଖିତ ଅଭିଯୋଗ କରିଥିଲେ।

### ଗାଡ଼ି ଚାପାରେ ଜଣେ ମୃତ, ଜଣେ ଗୁରୁତର

ନୂଆପଡ଼ା ଅଫିସ,୨୧।୬: ନୂଆପଡା ଜିଲା ବେଲଟୁକୁରି ଥାନା ସିଙ୍ଗପୁର ଗାଁରେ ଏକ କାର ଚାପାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ କାଦୋମେରି ଗାଁର ଶ୍ୟାମଲାଲ ହରିଜନ (୪୫)। ରବିବାର ବେଲଟୁରି ଥାନା ସିଙ୍ଗପୁର ଗାଁରେ ଏକ ବିବାହ ଭୋଜି ହୋଇଥିଲା। ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଗାଁରୁ ବରଯାତ୍ରୀ ଆସିଥିଲେ। ମଧ୍ୟାହ୍ନରେ ବିବାହ ଭୋଜି ଚାଲିଥିଲା । ଭୋଜିକୁ କାଦୋମେରି ଗାଁର ଶ୍ୟାମଲାଲ ଆସିଥିଲେ। ଘର ଭିତରେ ବିବାହ ଚାଲିଥିବା ବେଳେ ଶ୍ୟାମଲାଲ ବାହାରେ ବସିଥିଲେ। ଏହି ସମୟରେ ମାଣ୍ଡୋସିଲ ଗାଁର ଚୈତନ୍ୟ କୁମ୍ଭାର ନାମକ ଜଣେ ବ୍ୟକ୍ତି ଗାଡି ଧରି ବିବାହ ଭୋଜିକୁ ଆସିଥିଲେ। ଘର ପାଖରେ ଗାଡିର ବ୍ରେକ ଲାଗି ନ ଥିଲା। ଫଳରେ ବସିଥିବା ଶ୍ୟାମଲାଲଙ୍କ ଉପରେ ଗାଡି ଚଢ଼ିଯିବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗାଡି ଧକ୍କାରେ ଜଣେ ୧୧ ବର୍ଷର ନାବାଳକଙ୍କ ବାମ ଗୋଡ ଭାଙ୍ଗି ଯିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ମଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗାଡିକୁ ପୋଲିସ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ଥିବା ଜଣାପଡିଛି। ଏ ନେଇ ବେଲଟୁକୁରି ଥାନାରେ ଏକ ମାମଲା (ନଂ.୪୧/୨୧) ରୁଜୁ ହୋଇଛି।

### ଦକ୍ଷତା ବୃଦ୍ଧି, ବିହନ ବିତରଣ କାର୍ଯ୍ୟକ୍ରମ

କର୍ଲାମୁଣ୍ଡା, ୨୧।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟିଠାରେ ସୋମବାର ଅଣଧାନ ଫସଲ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଜରିଆରେ ଦକ୍ଷତା ବୃଦ୍ଧି ଓ ବିହନ ବିତରଣ ହୋଇଯାଇଛି। ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଆଇକାର୍ଡା ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କର୍ଲାମୁଣ୍ଡା ଏଏଓ ମୋନାଲିଷା ଜେନା, କୃଷି ଓଭରସିୟର ଅରୁଣ ଚନ୍ଦ୍ର ପାଢୀ ଓ ଆଇକାର୍ଡାର ସଞ୍ଜୟ ପାତ୍ର, ଧିରେନ ସା ଯୋଗଦେଇଥିଲେ। ଅଧିକାରୀମାନେ ହରଡ ଚାଷକୁ କିଭଳି ଧାଡିରେ ଚାଷ କରି ଚାଷୀମାନେ ଲାଭବାନ ହୋଇ ପାରିବେ ସେ ନେଇ ବୁଝାଇବା ସହ ବିହନ ବଣ୍ଟନ କରିଥିଲେ।

### ଟାଙ୍ଗିରି ପାହାଡ଼ ଉପରେ ଅନ୍ତର୍ଜାତୀୟ ଯୋଗ ଦିବସ

କେସିଙ୍ଗା, ୨୧।୬ (ଡି.ଏନ.ଏ.): ସୋମବାର ସକାଳେ ଏଭରେଷ୍ଟ ବିଜେତା ତଥା ଅନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇଙ୍କ ନେତୃତ୍ୱରେ ୯ ଜଣିଆ ସଦସ୍ୟ ଦଳ ଟାଙ୍ଗିରି ପାହାଡ ଚଢ଼ିବା ସହିତ ୭୦୦ ଫୁଟ ଉଚ୍ଚତା ଉପରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଥିଲେ। ଟାଙ୍ଗିରି ପାହାଡ ଶୀର୍ଷରେ ୨ ଘଣ୍ଟା ଯୋଗାସନ, ପ୍ରାଣାୟମ ଏବଂ ଶାରୀରିକ ବ୍ୟାୟମ କରିଥିଲେ। ସମସ୍ତଙ୍କୁ ଆଜିର ଦିବସ ସମ୍ପର୍କରେ ବୁଝାଇବା ସହ କରୋନା ମହାମାରୀ ସମୟରେ ଯୋଗ ଓ ପ୍ରାଣାୟାମ ସମସ୍ତ ମାନବ ସମାଜ ପାଇଁ କେତେ ଉପଯୋଗୀ ସେହି ବିଷୟରେ ସଚେତନତା ବାର୍ତ୍ତା ଦେଇଥିଲେ। ଯୋଗ ଦିବସରେ ପର୍ବତାରୋହଣ ତଥା ଆନ୍ତର୍ଜାତୀୟ ଯୋଗ ଦିବସରେ ବଲାଙ୍ଗୀର ଜିଲାର ଦୁଃସାହସିକ କ୍ରୀଡାବିତ୍ ଲଳିତ ପୋଡ଼, ଅଜିତ କୁମାର, କଳାହାଣ୍ଡି କରାଟେ ସ୍କୁଲ ସମ୍ପାଦକ କ୍ରୀଷ୍ଣା ସାହୁ, ରୁପ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ରୀଡା ଶିକ୍ଷକଙ୍କ ସହିତ ଭବାନୀପାଟଣାର କରାଟେ ଛାତ୍ରୀଛାତ୍ରୀ ପ୍ରମୁଖ ଯୋଗଦାନ କରିଥିଲେ।

# ତୁଟୁନି ଧାନ କିଣାବିକା ସମସ୍ୟା
# ରାସ୍ତାକୁ ଓହ୍ଲାଇଲେ ଚାଷୀ

ବରଗଡ଼ ଅଫିସ୍/ବରପାଲି,୨୧।୬


ବରପାଲିରେ ଚାଷୀମାନେ ରାଜପଥ ଅବରୋଧ କରିଛନ୍ତି ।

ବରଗଡ଼ ଜିଲାରେ ରବିଧାନ କିଣାବିକା ସମସ୍ୟା ବଢ଼ି ଚାଲିଛି। ଜିଲାର ବିଭିନ୍ନ ମଣ୍ଡି ସମେତ କ୍ଷେତ, ଖଳାରେ ଲକ୍ଷାଧିକ ପ୍ୟାକେଟ୍ ଧାନ ପଡ଼ି ରହିଛି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଗୁହାରି ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ଏଭଳି ଅଭିଯୋଗ ନେଇ ସୋମବାର ଭେଡ଼େନ ବ୍ଲକ ସଂକ୍ରୀଡ଼ା ପ୍ରାଥମିକ ସେବା ସମବାୟ ସମିତି ଅଧୀନ ଝରାପାଲି ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କ ଅଫିସ୍‌କୁ ଆସିଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ଧାନ ଉଠାଣ ଦାବି କରିଥିଲେ। ସେହିପରି ବରପାଲି ବ୍ଲକ କୃଷକ ମଞ୍ଚ ନେତୃତ୍ୱରେ ଚାଷୀମାନେ ବରପାଲିରେ ବରଗଡ଼-ବଲାଙ୍ଗୀର ୨୦୧ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ବରଗଡ଼ ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ବରପାଲି ତହସିଲଦାର ଅକ୍ଷୟ କୁମାର ବାଗ ପ୍ରମୁଖ ସେଠାକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୨୩ ତାରିଖ ସୁଦ୍ଧା ଧାନ ଉଠାଣ ତଥା ଚାଷୀମାନଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ନେବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅପରାହ୍ନ ୧ଟାରେ ରାସ୍ତାରୋକୋ ହଟିଥିଲା। ବରପାଲି କୃଷକ ମଞ୍ଚର ଅଚ୍ୟୁତାନନ୍ଦ ଦେହେରୀ, ଧନପତି ପ୍ରଧାନ, ଧର୍ମ ଦେହେରୀ, କରନ ସାହୁ, ଶ୍ୟାମ ରାଉତ, ଘନ ପ୍ରଧାନ, ରମେଶ ମହାପାତ୍ର, ଅଭିଷେକ ସେଠ ପ୍ରମୁଖ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଚାଷୀମାନେ ୬ଦଫା ଦାବି ନେଇ ଚାଷୀମାନେ ଗତ ୧୫ତାରିଖରୁ ବରପାଲି ତହସିଲ ଅଫିସ୍‌ରେ ଧାନ ଗଦା କରିଛନ୍ତି। ଏହାସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ସେମାନେ ତହସିଲ ଅଫିସ ସମ୍ମୁଖ ଜାତୀୟ ରାଜପଥ ଅବାରୋଧ କରିଥିଲେ। ସୋମବାର ଚାଷୀମାନେ ରାସ୍ତାରୋକରୁ ହଟିଥିଲେ ମଧ ତହସିଲ ଅଫିସରୁ ଧାନ ଉଠାଇ ନାହାନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେଠାରୁ ଧାନ ଉଠାଯିବ ନାହିଁ ଏବଂ ଆସନ୍ତା ୨୩ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ବରପାଲି ବ୍ଲକ କୃଷକ ମଞ୍ଚ ଚେତାବନୀ ଦେଇଛି।

## ସାଇକେଲ ଯାତ୍ରା କରି ପ୍ରତିବାଦ


ଚାଷୀମାନେ ସାଇକେଲ ଯାତ୍ରାରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଅଫିସ୍‌କୁ ଆସୁଛନ୍ତି।

ବରଗଡ଼ ଅଫିସ୍,୨୧।୬

ବରଗଡ଼ ଜିଲାରେ ରବିଧାନ କିଣାବିକା ସମସ୍ୟାକୁ ନେଇ ଭାଜପା କିଷାନ ମୋର୍ଚ୍ଚା ନେତୃତ୍ୱରେ ସୋମବାର ବିଜେପୁର ବ୍ଲକ ସାଇପାଲି ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ସାଇକେଲ ଯାତ୍ରା କରିଥିଲେ। ସେମାନେ ସାଇପାଲିରୁ ଦୀର୍ଘ ପ୍ରାୟ ୪୫ କି.ମି ସାଇକେଲ ଯାତ୍ରାରେ ଆସି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ଘେରିବା ସହିତ ଧାନ ଉଠାଣ ଦାବି କରିଥିଲେ। ଆସନ୍ତା ୨୫ତାରିଖ ସୁଦ୍ଧା ଧାନ ଉଠାଯିବ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଫେରିଥିଲେ।

ପ୍ରକାଶ ଯେ, ସାଇପାଲି ପ୍ୟାକ୍ସ ଅଧୀନ ଚାଷୀମାନେ ଟୋକନ ପାଇବା ପରେ ମଣ୍ଡିକୁ ଧାନ ଆଣିଥିଲେ। ତେବେ ସେମାନଙ୍କ ଧାନ ଉଠି ନ ଥିବାବେଳେ ଚାଷୀଙ୍କ ଟୋକନ ଅବଧି ସରି ଯାଇଥିଲା। ଏହାକୁ ନେଇ ଚାଷୀମାନେ ଗତ ୧୨ରୁ ୧୪ତାରିଖ ପର୍ଯ୍ୟନ୍ତ ତାଲା ପକାଇ ସାଇପାଲି ପ୍ୟାକ୍ସକୁ ଅଚଳ କରିବା ସହିତ ଧାରଣାରେ ବସିଥିଲେ। ୧୪ତାରିଖରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ହସ୍ତକ୍ଷେପ ପରେ ବିଭାଗୀୟ ଅଧିକାରୀମାନେ ଧାରଣାସ୍ଥଳକୁ ପହଞ୍ଚି ୩ଦିନ ମଧ୍ୟରେ ଧାନ ଉଠାଇବା ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଧାନ ଉଠିନାହିଁ। ସୋମବାର ଚାଷୀମାନେ ସାଇକେଲ ଯାତ୍ରାରେ ଆସି ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଘେରିଥିଲେ। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଏବଂ ଜିଲା ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ୩୫ଜଣ ଚାଷୀ ଏହି ସାଇକେଲ ଯାତ୍ରାରେ ସାମିଲ ହୋଇଥିଲେ।

## ତଦନ୍ତ ବେଳେ ଅଧିକାରୀଙ୍କୁ ଘେରିଲେ ଚାଷୀ

ଲୋଇସିଂହା,୨୧।୬(ଡି.ଏନ.ଏ)

**୨୦୨୦ ଖରିଫ ଫସଲ ବୀମାରାଶି ଟଙ୍କା ଫେରିବା ପ୍ରସଙ୍ଗ**


ତଦନ୍ତକାରୀ ଅଧିକାରୀଙ୍କୁ ଗୁଡିପଦର ପଞ୍ଚାୟତ ଚାଷୀମାନେ ଘେରାଉ କରି ରହିଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତର ଚାଷୀ ଗତ ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ଟଙ୍କା ଫେରସ୍ତକୁ ନେଇ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଫେରାଦ ହୋଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମବାୟ ବିଭାଗ ସବ୍‌ରେଜିଷ୍ଟ୍ରାର ଗୋବିନ୍ଦ ନାଗ, ଲୋଇସିଂହା ବିଡିସିସି ବ୍ୟାଙ୍କ ଶାଖା ପରିଚାଳକ ରମାକାନ୍ତ ପ୍ରଧାନ ସୋମବାର ବୁର୍ଡା ଓ ଯୋଗୀସର୍ଡା କୃଷି ସମବାୟ ସମିତିକୁ ତଦନ୍ତ ପାଇଁ ଆସିଥିଲେ। ୪୯ ପ୍ରତିଶତ ଚାଷ କ୍ଷତିଗ୍ରସ୍ତ ହୋଇଥିବାରୁ ବୀମା ଟଙ୍କା ଦେବା ଦାବି କରି ଯୋଗୀସର୍ଡା ସମବାୟ ସମିତିରେ ଚାଷୀମାନେ ଅଧିକାରୀଙ୍କୁ ଘେରିଥିଲେ। ଜିଲାପାଳ ଆସି ଆଲୋଚନା ନ କଲା ଯାଏ ଛାଡିବୁ ନାହିଁ କହି ଚାଷୀମାନେ ଅଡି ବସିଛନ୍ତି।

ଅଭିଯୋଗ ଅନୁଯାୟୀ, ବୁଢ଼ୀପଦର ପଞ୍ଚାୟତ ଅନ୍ତର୍ଗତ ବୁଢ଼ୀପଦର ଓ ଲୁହୁରାପାଲି ବୁର୍ଡା କୃଷି ସମବାୟ ସମିତି ଅଧୀନରେ ରହିଛି। ଘୁଷୁରାମୁଣ୍ଡା, ନେଗିପାଲି, ସଲତରପାଲି, ପଧାନପାଲି, ପିପିଲିପାଲି ପ୍ରଭୃତି ଗ୍ରାମ ଯୋଗୀସର୍ଡା କୃଷି ସମବାୟ ସମିତି ଅଧୀନରେ ରହିଛି। ଏଠାକାର ଚାଷୀଙ୍କର ୨୦୨୦-୨୧ ଆର୍ଥିକ ବର୍ଷରେ ଉଭୟ ସମବାୟ ସମିତି ଅଧୀନରେ ଥିବା ଋଣୀଚାଷୀମାନଙ୍କୁ ଖରିଫ ଋଣ ପ୍ରଦାନ ବେଳେ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ଟଙ୍କା କଟିଥିଲା। ଗତ ମାର୍ଚ୍ଚ ୨୬ରେ ଲୋଇସିଂହା ବିଡିସିସି ବ୍ୟାଙ୍କକୁ ଖରିଫ ଋଣୀଚାଷୀଙ୍କ ୩୫ଲକ୍ଷ ୮୪ହଜାର ୫୬ ଟଙ୍କା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଫେରାଇ ଦେଇଥିଲା। ଲୋଇସିଂହା ଶାଖା ପକ୍ଷରୁ ଗତ ଏପ୍ରିଲ ୧୯ତାରିଖ ଦିନ ଋଣୀଚାଷୀଙ୍କ ବୀମା ରାଶି ଟଙ୍କା ସେମାନଙ୍କ ଆକଉଣ୍ଟକୁ ଫେରାଇ ଦେଇଥିଲା। ଏହାର ଦୁଇଦିନ ପୂର୍ବରୁ ବୁଢ଼ୀପଦର ପଞ୍ଚାୟତକୁ ୨୦୨୦ ଖରିଫରେ ୪୯ ପ୍ରତିଶତ ମରୁଡି ସହାୟତା ପାଇଁ ଘୋଷଣା କରାଯାଇଥିଲା। ଏଭଳି ସ୍ଥିତିରେ ଋଣୀଚାଷୀଙ୍କ ଟଙ୍କା ଫେରିବା ଘଟଣା ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉଭୟ ପ୍ୟାକ୍ସ ସମ୍ପାଦକ ଚାଷୀଙ୍କ କାଟି ଥିବା ବୀମାରାଶି ଟଙ୍କା ବୀମା କମ୍ପାନୀ ନିକଟରେ ପୈଠ ନ କରି ଆତ୍ମସତା କରିଥିବା ଚାଷୀମାନେ ସନ୍ଦେହ ପ୍ରକାଶ କରି ଗତ ମେ ୨ତାରିଖରେ ରୁଗଡିଖାଲଠାରେ ଚାଷୀନେତା ଶିଖିପୁଚ୍ଛ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରିଥିଲେ। ସେତେବେଳେ ଉକ୍ତ ଅନିୟମତାକୁ ନେଇ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଚାଷୀ ମନୋଜ ପଧାନ, ଅରବିନ୍ଦ ସାହୁ, ନିଗମା ସାହୁ , ରଞ୍ଜିତ ସାହୁଙ୍କ ସମେତ ବହୁ ଚାଷୀ ଘେରାଉରେ ସାମଲ ଅଛନ୍ତି।

## ଗୌରଗୋଠ ପ୍ୟାକ୍ସରେ ଚାଷୀଙ୍କ ଧାରଣା

ଦେଓଗାଁ, ୨୧।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ପ୍ୟାକ୍ସରେ ରବିଧାନକ୍ରୟକୁ ନେଇ ଅବ୍ୟବସ୍ଥା ଲାଗିରହିଛି। ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ଏଯାଏ ୪୬ଜଣ ଚାଷୀଙ୍କ ଟୋକନ ଆସିନାହିଁ।

**ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ**

ଏହାର ପ୍ରତିବାଦ କରି ସୋମବାର ଗୌରଗୋଠ କୃଷିସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ଦେଇ ଧାରଣା ଦେଇଥିଲେ ଚାଷୀ। ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ପକ୍ଷରୁ ଦିଆଯାଇଥିବା ଏହି ଧାରଣା ୬ଘଣ୍ଟା ଧରି ଚାଲିଥିଲା। ଅପରାହ୍ନ ୪ଟାରେ ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଏଆରସିଏସ ଅନନ୍ତ କୁମାର ନାଏକ,ଏସିଏସଓ, ତୁଷୁରା ଥାନାଧିକାରୀ ଧାରଣାସ୍ଥଳରେ ପହଞ୍ଚି ଥିଲେ। ସଂଗଠନର ବ୍ଲକ ସଭାପତି ପୁରନ୍ଦର ଭୋଇ ଓ ଆନ୍ଦୋଳନରତ ଚାଷୀଙ୍କୁ ବୁଝାଶୁଝା କରିବା ସହ ୪ଦିନ ମଧ୍ୟରେ ପ୍ରକୃତ ଚାଷୀଙ୍କ ଧାନକ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ଏହି ପ୍ୟାକ୍ସରେ ଚଳିତ ରବିଧାନ ବିକ୍ରିପାଇଁ ୧୯୩ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ସେମଧ୍ୟରୁ ୧୪୭ଜଣ ଚାଷୀଙ୍କ ଟୋକନ ଆସିଥିବାରୁ ସେମାନେ ଧାନବିକ୍ରି କରିସାରିଛନ୍ତି। ତେବେ ଏଥିରୁ ଆହୁରି ୪୬ଜଣ ଚାଷୀ ବର୍ତ୍ତମାନ ମଧ ଟୋକନ ପାଇ ନ ଥିବାରୁ ଧାନ ବିକ୍ରି କରିପାରୁ ନାହାନ୍ତି। ବର୍ତ୍ତମାନ ବର୍ଷା ସମୟ ଆସିଯିବାରୁ ଧାନକୁ ଚାଷୀମାନେ କେଉଁଠି ରଖିବେ ସେନେଇ ଚିନ୍ତା ଦେଖାଦେଇଛି। ତୁରନ୍ତ ଟୋକନ ଓ ଟାର୍ଗେଟ ବ୍ୟବସ୍ଥା କରିବା ପାଇଁ ସଂଘ ତରଫରୁ ବିଭାଗୀୟ ଅଧିକାରୀ, ଜିଲାପାଳ ଓ ବିଧାୟକଙ୍କୁ ଚଳିତମାସ ୩ ଓ ୭ ତାରିଖରେ ସଂଘ ପକ୍ଷରୁ ସମସ୍ୟା ଉପରେ ଅବଗତ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ନ ହେବାରୁ ସୋମବାର ପ୍ୟାକ୍ସ ସାମ୍ନାରେ ଚାଷୀ ତଥା ସଂଘର କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। ଏଥିରେ ଚାଷୀମୂଲିଆ ସଂଗଠନ ଜିଲା ସଭାପତି ପ୍ରେମାନନ୍ଦ ଭୋଇ, ରାଷ୍ଟ୍ରୀୟ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ବ୍ଲକ କଂଗ୍ରେସ କମିଟି ସଭାପତି ରାମଜୀ ଚୌଧୁରୀ, ବିଧାୟକ ପ୍ରତିନିଧି କାନ୍ତେଶ୍ୱର ପଧାନ, ଯୁବନେତା ବିଶ୍ୱଜିତ ପାତ୍ର, କିଷାନ ସେଲ ସଭାପତି ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ଯୋଗଦେଇଥିଲେ।



ଗୌରଗୋଠ ପ୍ୟାକ୍ସରେ ଚାଷୀଙ୍କ ଧାରଣା ।

## ବକେୟା ପାଉଣା ଦାବିରେ ଧାରଣା


ବକେୟା ପାଉଣା ଦାବିରେ ଶ୍ରମିକମାନେ ଧାରଣାରେ ବସିଛନ୍ତି ।

ବୌଦ୍ଧ,୨୧।୬(ସ୍ୱ.ପ୍ର)

ବୌଦ୍ଧ ଜିଲାର ବିଭିନ୍ନ ଅଞ୍ଚଳରେ ଠିକାଦାର କାମ କରାଇ ପାଉଣା ଦେଇ ନ ଥିବାରୁ କିଛି ଶ୍ରମିକ ପାଉଣା ଦାବି କରି ସୋମବାର ବୌଦ୍ଧ ଜିଲା ସହକାରୀ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଧାରଣାରେ ବସିଥିବା ଶ୍ରମିକମାନ ହେଲେ ମନମୋହନ ଉର୍ମା, ରବି ଜଗଦଲା, ବରୁଣ ବାଘ, ବନମାଳି ଉର୍ମା, ସରୋଜ ପାତ୍ର । ସୂଚନା ଅନୁସାରେ, ଜିଲାର ୧୫ ଜଣ ଯୁବକ ଠିକାଦାରଙ୍କ ଠାରୁ ଠିକାରେ କାମ ନେଇ କରିଥାନ୍ତି। ଗତବର୍ଷ ବୌଦ୍ଧ ଜିଲାର ଦୁଇଜଣ ଓ ଭୁବନେଶ୍ୱରର ଜଣେ ଠିକାଦାର ଉକ୍ତ ଶ୍ରମିକମାନଙ୍କୁ କାମରେ ଲଗାଇଥିଲେ। ସେମାନେ କୁଆଡେ କାମ ବାବଦକୁ ୪ ଲକ୍ଷରୁ ଅଧିକ ଟଙ୍କା ପାଇବାକୁ ଥିବା ବେଳେ ମାତ୍ର ଦୁଇ ଲକ୍ଷଟଙ୍କା ଦିଆଯାଇଛି। ତିନି ଠିକାଦାର ଅବଶିଷ୍ଟ ପାଉଣା ଦେଇ ନ ଥିବା ବେଳେ ପାଲଟା ଧମକ ଦେଉଛନ୍ତି। ତେବେ ପାଉଣା ଦାବିରେ ଏହି ଶ୍ରମିକମାନେ ସୋମବାର ଜିଲା ସହକାରୀ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

## କ୍ୟାନ୍‌ସର ରୋଗୀଙ୍କୁ ମିଳୁନି କେମୋଥେରାପି

ବରଗଡ଼ ଅଫିସ୍,୨୧।୬


କେମୋଥେରାପି ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସିଥିବା ରୋଗୀ।

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ସ୍ଥାନୀୟ କ୍ୟାନ୍‌ସର ରୋଗୀଙ୍କୁ ମିଳୁଥିବା କେମୋଥେରାପି ଚିକିତ୍ସା ଏବେ ବନ୍ଦ ରହିଛି। ଫଳରେ ଜନସାଧାରଣରେ ପୁଣି ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କୁ ପଚାରିବାରୁ କ୍ୟାନ୍‌ସର ରୋଗୀଙ୍କ କେମୋଥେରାପି ଚିକିତ୍ସା ଚାଲିଛି। ବେଳେବେଳେ ଆବଶ୍ୟକ ଔଷଧ ଅଭାବ ଯୋଗୁ ରୋଗୀଙ୍କ କେମୋଥେରାପି ହୋଇ ପାରୁ ନ ଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ସେମାନଙ୍କୁ ସେହି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ବୋଲି କହିଥିଲେ।

ସୋମବାର ଖେଦାପାଲି ଗ୍ରାମର ତୁଳାଧର ପ୍ରଧାନ କେମୋଥେରାପି ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସିଥିଲେ। ମାତ୍ର ତାଙ୍କୁ ସେହି ସେବା ମିଳିପାରି ନ ଥିବା ସେ କହିଛନ୍ତି। ଆବଶ୍ୟକ ଔଷଧ ଅଭାବ ଦର୍ଶାଇ ଗତ ୨ସପ୍ତାହ ହେଲା ତାଙ୍କୁ ଉକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ନ ଥିବା ତୁଳାଧର କହିଛନ୍ତି। ଅନ୍ୟପଟେ ବୁର୍ଲା କିମ୍ବା ଅନ୍ୟ କୌଣସି ଡାକ୍ତରଖାନାକୁ ଯିବାକୁ ବିଭାଗୀୟ ଡାକ୍ତରମାନେ କହୁଛନ୍ତି। ମାତ୍ର ଲକ୍‌ଡାଉନ କଟକଣା ଯୋଗୁ ଗାଡ଼ି ଚଳାଚଳ ବନ୍ଦ ରହିଥିବାରୁ ବାହାରକୁ ଯିବା ସମ୍ଭବ ହେଉ ନ ଥିବା ସେ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ସେ କଟକରେ ୨୪ଥର, ବୁର୍ଲାରେ ୬ଥର ଏବଂ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ୩ଥର କେମୋଥେରାପି ଚିକିତ୍ସା କରିଥିବା ତୁଳାଧର କହିଛନ୍ତି। ସେହିପରି କେବଳ ତୁଳାଧର ନୁହନ୍ତି, ଅନେକ କ୍ୟାନ୍‌ସର ରୋଗୀ ଜିଲା ମୁଖ୍ୟ ଡାକ୍ତରଖାନାକୁ କେମୋଥେରାପି ଚିକିତ୍ସା ପାଇଁ ଆସି ନିରାଶରେ ଫେରୁଛନ୍ତି। ଆବଶ୍ୟକ ଚିକିତ୍ସା ଅଭାବରୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡୁଥିବା ଫାଇଟର୍ସ ଗ୍ରୁପ୍‌ର ଅଶ୍ୱିନୀ ଦର୍ଜୀ କହିଛନ୍ତି। କ୍ୟାନ୍‌ସର ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅଣଦେଖା କରାଗଲେ ଆନ୍ଦୋଳନ କରାଯିବ ବୋଲି ଦର୍ଜୀ ପ୍ରକାଶ କରିଛନ୍ତି।